# ନାଇଜରରେ ଅନୁଷ୍ଠିତ ହେବ ଏମ୍ବୋ-ଆଇଏସ୍‌ପିପି ଉଦ୍ଭିଦ ବିଜ୍ଞାନ ସମ୍ମିଳନୀ



ଖୋର୍ଦ୍ଧା,୦୩/୦୧ (ଆ.ପ୍ର) : ଓଡିଶାର ପ୍ରମୁଖ ଶିକ୍ଷାନୁଷ୍ଠାନ ନାଇଜରରେ ଅନୁଷ୍ଠିତ ହେବାକୁ ବାକୁ ଯାଉଛି ଏମ୍ବୋ-ଆଇ ଏସ୍ ପିପି ଉଦ୍ଭିଦ ବିଜ୍ଞାନ ସମ୍ମିଳନୀ । ଏହି ସମ୍ମିଳନୀ ଆସନ୍ତା ଜାନୁଆରୀ ୯ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ୪ ଦିନ ବ୍ୟାପି ଏହି ସମ୍ମିଳନୀରେ ଗଛ ଉପରେ ଆଲୋକ ଓ ଉତାପର ପ୍ରଭାବ, ଲୋକର ବ୍ୟବହାରରେ ଉଭବ ତଥା କୃଷିର ଉନ୍ନତି ଯାହା କୃଷକମାନଙ୍କ ପାଇଁ ଉପାଦେୟ ହେବ, ସେଇ ସବୁ ବିଷୟ ଉପରେ ଆଲୋଚନା ହେବ ।୨୦୦୧ ମସିହାରେ ଆମେରିକାରୁ ଆରମ୍ଭ ହୋଇଥିବା ଏହି ସ୍ୱତନ୍ତ୍ର ସମ୍ମିଳନୀ ତାର ଏକାଦଶ ତମ ସମ୍ମିଳନୀକୁ ଭାରତରେ କରିବାକୁ ମନସ୍ଥ କରିଥିଲା ଯାହାକୁ ନାଇଜର ଠାରେ ଆୟୋଜନ କରାଯାଇଛି । ଏଥିରେ ନାଇଜର ତଥା ଓଡିଶାରୁ ଭାଗ ନେଉଥିବା ବୈଜ୍ଞାନିକ ତଥା ଗବେଷକ ମାନେ ସ୍ଥାନୀୟ ସମସ୍ୟାକୁ ଲୋକ ଲୋଚନକୁ ଆଣି ପାରିବେ । 'ଲୋକାଲ୍ ଫର ଭୋକଲ' । ତଥା ଗବେଷକମାନେ ସ୍ଥାନୀୟର ଭୋକାଲ୍" ଯାହା ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଘୋଷିତ ହୋଇଛି ତାହାକୁ ରୂପାୟନ କରିବା ପାଇଁ ଏହା ଏକ ସ୍ୱତନ୍ତ୍ର ସ୍ଥାନ । ଏହି ସମ୍ମିଳନୀରେ ଚାରିଟି ମହାଦେଶ ଯଥା: ଏସିଆ, ଉତର ଆମେରିକା, ଦକ୍ଷିଣ ଆମେରିକା ଏବଂ ୟୁରୋପରୁ ୮୮ଜଣ ଉଦ୍ଭିଦ ବୈଜ୍ଞାନିକ ଯୋଗ ଦେବେ । ସମ୍ମିଳନୀରେ ଭାରତରୁ ୨୦୦ ରୁ ଊର୍ଦ୍ଧ୍ୱ ଉଦ୍ଭିଦ ବୈଜ୍ଞାନିକ ଯୋଗ ଦେଇ ଉପରୋକ୍ତ ବିଷୟ ଉପରେ ଆଲୋଚନା କରିବେ । ଏହି ସମ୍ମିଳନୀର ନିଷ୍କର୍ଷ ଯେମିତି କୃଷିର ଉନ୍ନତି କରିପାରିବ ସେଥିପ୍ରତି ସଚେତନତା ସୃଷ୍ଟି କରାଇବ । ଏହି ସମ୍ମାନନୀକୁ ଆୟୋଜନ କରିବା ପାଇଁ ଜର୍ମାନୀର ଏମ୍ବୋ, ଭାରତର ପରମାଣୁ ଉର୍ଜା ବିଭାଗ, ନାଇଜର; ଭାରତୀୟ କୃଷି ଗବେଷଣା କାଉନସିଲ୍, ସି ଏସ୍ ଆଇ ଆର, ଏସ୍ ଇ ଆର ବି, ଡିବିଟି ଓ ଇନ୍‌ସା ଆଦି ଅନୁଷ୍ଠାନ ସହଯୋଗର ହାତ ବଢେଇଛନ୍ତି । ଏଥିରେ ଯୋଗ ଦେଇଥିବା ଯୁବ ଉଦ୍ଭିଦ ବୈଜ୍ଞାନିକ ତଥା ଗବେଷକମାନେ ସେମାନଙ୍କର ଉପଲବ୍ଧିକୁ ବାଂଟିବା ସହ ବିଶିଷ୍ଟ କୃଷି ତଥା ଉଦ୍ଭିଦ ବୈଜ୍ଞାନିକଙ୍କ ସହ ମିଶିବାର ସୁଯୋଗ ପାଇବେ । ଏହା ଓଡିଶା ତଥା ଭାରତ ପାଇଁ ଗୌରବର ବିଷୟ । ଏହି ସମ୍ମିଳନୀର ଆବାହକ ଅଛନ୍ତି ନାଇଜରର ଡ. କିଶୋର ଚନ୍ଦ୍ର ପାଣିଗ୍ରାହୀ । ଆଇଜର ଭୋପାଳର ଡ. ସୌରଭ ଦତ, କ୍ରୋଏସିଆସ୍ଥ ଜାଦର ବିଶ୍ୱବିଦ୍ୟାଳୟର ଡ. ଆନ୍ଦ୍ରିକା ଫିନିକା, ନାଇଜରର ପ୍ରଫେସର ଚନ୍ଦନ ଗୋସ୍ୱାମୀ ଏବଂ ଡ. କେ ହିମାବିନ୍ଦୁ ବାସୁକୀ ସହ-ଆବାହକ ଅଛନ୍ତି । ଏହି ସମ୍ମିଳନୀରେ ଯେଉଁ ପ୍ରଖ୍ୟାତ ବୈଜ୍ଞାନିକ ମାନେ ଯୋଗ ଦେବେ ସେମାନେ ହେଲେ ଜର୍ମାନୀର ପ୍ରଫେସର ଉଟେ ହୋଏକର, ଅଷ୍ଟ୍ରିଆର ପ୍ରଫେସର ଲିଆମ୍ ଡୋଲାନ୍, ସ୍କଟଲ୍ୟାଣ୍ଡର ପ୍ରଫେସର କାରେନ୍ ହାଲିଡେ, ସୁଇଜରଲ୍ୟାଣ୍ଡର ପ୍ରଫେସର କ୍ରିଷ୍ଟିଆନ ଫ୍ରାଙ୍କହାଉସର ତଥା ପ୍ରଫେସର ରୋମାନ୍ ଉଲମ୍ ଏବଂ ଇଂଲଣ୍ଡର ପ୍ରଫେସର ଗାରେଥ୍ ଜେନ୍‌କିନ୍ । ଆନ୍ତର୍ଜାତୀୟ ସ୍ତରର ଏହି ସ୍ୱତନ୍ତ୍ର ସମ୍ମିଳନୀ ପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି । ବିଦେଶରୁ ଆସୁଥିବା ବୈଜ୍ଞାନିକମାନଙ୍କୁ ସହରର ବଡ ହୋଟେଲରେ ରଖାଯିବାର ବ୍ୟବସ୍ଥା କରାଯାଇଥିଲାବେଳେ ଅନ୍ୟମାନଙ୍କ ପାଇଁ ପାଇଁ ନାଇଜର ଅତିଥିଶାଳାରେ ବ୍ୟବସ୍ଥା କରାଯାଇଛି ବୋଲି ନାଇଜରର କୁଳସଚିବ ଡ. ଅଭୟ ନାୟକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ।

SCAN ME

Article published in: Seitho Arambha, 04.01.2024, Page No. 5